# ସାହିତ୍ୟ ଦର୍ପଣ



## ପୁନଶ୍ଚ ପୃଥିବୀ

ଅପରାହ୍ନ ଗୋଟାଏ ବେଳେ ଫ୍ଲାଇଟ ଲ୍ୟାଣ୍ଡ କରିବାର କଥା । ଏୟାରପୋର୍ଟରୁ ଘରେ ପହଂଚିବାକୁ ଅତିବେଶୀରେ ଘଂଟାଏ ଲାଗେ । ହେଲେ ଅନ୍ଧକାର ବହଳ ହୋଇ ଆସିଲାଣି ।ତଥାପି ଆଶିଷଙ୍କର ଫୋନ୍ ଆସିନି କିମ୍ବା ଫୋନ୍ ତାଙ୍କର ଲାଗୁନି । ଘଂଟା ଦେଖିଲା ଦିଶା ।ଛଅଟା ବାଜିବ ।ସଞ୍ଜ ଦେବାକୁ ସେ ବାଲକୋନୀରୁ ଉଠିଗଲା । ଆଶିଷ ଙ୍କ ସର୍ବ କୁଶଳ ପାଇଁ ଠାକୁର ଙ୍କୁ ପ୍ରାର୍ଥନା କଲା । ଉଦବିଗ୍ନତାର ସହିତ ପୁଣି ଆସି ବାଲକୋନୀରେ ପଡ଼ିଥିବା ଚେୟାରରେ ବସିଲା ସେ ।ବାଟରେ କିଛି ଅସୁବିଧା ହେଲା କି ? ଆଉଥରେ ଆଶିଷ ଙ୍କ ଫୋନ୍ ନମ୍ବର୍ ଡାଏଲ୍ କଲା । ଏବେ ବି ତାଙ୍କର ଫୋନ୍ ସୁଇଚ୍ ଅଫ୍ ବୋଲି ଭଏସ ଶୁଣିଲା ।

ଦିଶା ଚାହିଁଲା ସାମ୍ନାରେ ପଡ଼ିଥିବା ଚେୟାର ଉପରେ ଯେଉଁଠି କଦବା କ୍ୱଚିତ ଆଶିଷ ବସନ୍ତି । ପ୍ରକୃତରେ ତାଙ୍କୁ ଏମିତି ଖାଲିରେ ବସିବାକୁ ସମୟ କେଉଁଠି ଥାଏ କି?

ଝିଅର ସ୍ୱରରେ ଦିଶା ଭାବନା ରାଜ୍ୟରୁ ଫେରି ଆସିଲା । ସେ ତା ବାବା କେତେବେଳେ ଆସିବେ ବୋଲି ପୁଣି ଥରେ ପଚାରୁଥିଲା । ସ୍କୁଲରୁ ଫେରି ବିଚାରି ଏଘର ସେଘର କରି ତା ବାବାଙ୍କୁ ଆଗ ଖୋଜି ପକାଇଥିଲା । ସେ ଭଲକରି ଜାଣିଥିଲା ତା ବାବା ଏତେ ବେଳକୁ ଫେରି ଆସିବାର କଥା । ସେଇଥିପାଇଁ ଆଜି ସ୍କୁଲ ଯିବାକୁ ବି ସେ ଚାହୁଁ ନଥିଲା ।ଛୁଆଟା ତା ବାବାଙ୍କ ସହିତ କିଛି ସମୟ କାଟିବାକୁ କି ଉହଳବିକଳ ହୁଏ ସତେ..! ରାତି ବାରଟା ଗୋଟାଏ ଯାଏଁ ଫରେନ୍ କ୍ଲାଏଂଟ ଙ୍କ ସହିତ ମିଟିଂ ସାରି ଆଶିଷ ଶୋଇ ଉଠିଲା ବେଳକୁ ଦିନ ଆଠଟା କି ନଅଟା ।ଝିଅ ସେତେବେଳକୁ ସ୍କୁଲ ଯାଇସାରିଥିବ । ତା'ପରେ ସେ ବାହାରି ଯିବେ ଅଫିସ କୁ ଯେ କେତେବେଳେ ଫେରିବାର ଠିକ୍ ଠିକଣା ନଥାଏ । ଏସବୁ ନିତିଦିନିଆ ଘଟଣା ହେଲେ ବି ଝିଅ ସ୍କୁଲରୁ ଫେରି ଆଗ ପଚାରିବ ବାବାଙ୍କର ଫେରିବା ସମୟ ବିଷୟରେ । ଦିଶା ଜାଣେ ଝିଅର ବ୍ୟାକୁଳତାର କାରଣ ବିଷୟରେ । ଦିନେ ଦିନେ ଆଶିଷ ଅଫିସରୁ ଶୀଘ୍ର ଫେରନ୍ତି ତ ଝିଅର ଅଳି ପୂରଣ କରିବାକୁ ତାକୁ ନେଇ ଯାଆନ୍ତି ବାହାରକୁ । ଚକୋଲେଟ, ଆଇସକ୍ରିମ ହେଉ ଅବା ତା ପସନ୍ଦର କିଛି ଜିନିଷ ତା ବାବାଙ୍କ ଠାରୁ ଅନାୟାସରେ ମିଳିଯାଏ ତାକୁ । ସପ୍ତାହକୁ ଗୋଟିଏ ଦିନ ରବିବାର ଛୁଟିରେ ବି ଆଶିଷ ଙ୍କର କାମରୁ ଫୁରସତ୍ ନଥାଏ ।ଘର ପାଇଁ ଆବଶ୍ୟକୀୟ ଜିନିଷ ପତ୍ର ସଂଗ୍ରହ କରିବାକୁ ପଡେ ।ତା ସାଙ୍ଗକୁ ବନ୍ଧୁ ବାନ୍ଧବମାନଙ୍କ ସହିତ ସମ୍ପର୍କ ରଖିବାର ସମୟ ଏଇ ରବିବାର ଦିନଟି ଯାହା । କିଏ କେଉଁଠି ମେଡିକାଲରେ ଭର୍ତି ହୋଇଛି କିମ୍ବା କାହାର ଦେହ ଖରାପ ତ ସେମାନଙ୍କୁ ନଭେଟିଁଲେ ନଚଳେ । ଭିଣୋଇ ବାହାର ର ?ହୁଥିବାରୁ ଏଇ ସହରରେ ଥିବା ଭଉଣୀ ଘରକୁ ଯାଇ ତାଙ୍କର ଆବଶ୍ୟକତା ପୂରଣ କରିବାର ଦାୟିତ୍ୱ ବି ଆଶିଷଙ୍କ ଉପରେ ।

ଏବେ ପୁଣି ନଣନ୍ଦ ଙ୍କର ନୂଆ ଘର କାମ ଆରମ୍ଭ ହୋଇଛି । ନିଜେ ବାହାରେ ରହୁଥିବାରୁ ନଣନ୍ଦେଇ ଆଶିଷ ଙ୍କୁ ହିଁ ଦାୟିତ୍ୱ ଦେଇଛନ୍ତି ଘରକାମ ବୁଝିବାକୁ ।ବଡ ଭଉଣୀ ଭିଣୋଇଙ୍କ ମନ ନରଖିଲେ ନଚଳେ । ନଣନ୍ଦେଇ ନିଜେ ବି ଆଇ ଟି ସେକ୍ଟରରେ କାମ କରନ୍ତି । ସେ ଭଲକରି ଜାଣନ୍ତି ଗୋଟିଏ ଦିନର ଚବିଶ ଘଂଟା କେମିତି ଚୁଟକିରେ ସରିଯାଏ । ତଥାପି ସେ ଆଉ କାହା ଉପରେ ଭରସା ନକରି ଆଶିଷ ଙ୍କ ଉପରେ ସେଇ ଗୁରୁ ଦାୟିତ୍ୱ ଦେଇଛନ୍ତି ।ବର୍ଷେଟିଏ ହେବ ସେଇ ଘରକାମ ଚାଲିଛି । ସିମେଂଟ, ରଡ଼, ମିସ୍ତ୍ରୀ, ମଜୁରିଆ ଙ୍କ ଠାରୁ ଆରମ୍ଭ କରି ଇଲେକ୍ଟ୍ରିସିଆନ, ପାଇପ୍ ମିସ୍ତ୍ରୀ ଆଦି ଠିକ୍ ସମୟାନୁସାରେ ଯୋଗାଡ଼ କରିବା କାଠିକର ପାଠ । ଟିକିଏ କେଉଁଠି ଏପଟସେପଟ ହେଲେ ନଣନ୍ଦ ଙ୍କ କୋପ ଭାଇ ଅପେକ୍ଷା ଭାଉଜ ଉପରେ ପଡିବାଟା ନିଶ୍ଚିତ । ସତେ ଯେମିତି ଭାଉଜ ତାଙ୍କ ଭାଇକୁ କାନିରେ ଗଣ୍ଠି ପକେଇ ରଖିଛି ଆଉ ସେଇଥିପାଇଁ ହିଁ ଯେତେସବୁ ଗଡ଼ବଡ଼ ଘଟିଯାଇଛି..!

ଦିଶାର ମନେ ପଡିଲା ଏଇ କେତେ ବର୍ଷ ତଳର କଥା ।ଆଖି ଆପେ ଛଳଛଳେଇ ଗଲା ।ଦିଶା ସେଦିନ ରାତି ପାଇଁ ରୁଟି ତିଆରି କରିବାକୁ ପ୍ରସ୍ତୁତ ହେଉଥିଲା । ଝିଅ ସେତେବେଳକୁ ଖୁବ୍ ଛୋଟ ଥିଲା । କ'ଣ ପାଇଁ କେଜାଣି ସେଦିନ ଭାରି ଅଝଟ କରି କାନ୍ଦୁଥିଲା । ହେଲେ ସବୁଦିନ ପରି ଶାଶୁ ଏସବୁ ଏସବୁ ପ୍ରତି ଧ୍ୟାନ ନଦେଇ ନିଜ ରୁମରେ ଥାଆନ୍ତି । ଝିଅ କଥା ବୁଝିବ ବୋଲି ଅଟାରେ ଭରିଥିବା ଷ୍ଟିଲ ଡବାଟିକୁ ସେ ତରବର ହୋଇ ଆଣି ରଖିଦେଲା ରୋଷେଇ ଘର ସ୍ଲାବ ଉପରେ । ହେଲେ ଡବାଟି ଠିକ୍ ଜାଗାରେ ନରଖିଥିବା ହେତୁ ଖସି ପଡିଲା ସ୍ଲାବ ଉପରୁ ଆଉ ସିଧା ଯାଇ ପଡିଲା ଦିଶା ପାଦ ଉପରେ । ଆଘାତ ଲାଗି ଡାହାଣ ପାଦ ବୁଢା ଆଙ୍ଗୁଠି ଫାଟି ରକ୍ତ ବୋହିବାର ଲାଗିଲା ।

ଭୀଷଣ ଯନ୍ତ୍ରଣା ଭିତରେ ଫୋନ୍ କଲା ଆଶିଷ ଙ୍କୁ । ଉପର ମହଲାରେ ବସି ଆଶିଷ ସେତେବେଳକୁ ଲ୍ୟାପଟପ୍ ରେ କ'ଣ କାମ କରୁଥିଲେ ଯେ,' ହେଇ ଯାଉଛି' କହି ଆସିଲେ ଯାଇଁ ଅଧଘଂଟାଏ ପରେ । ପ୍ରକୃତରେ ସେ ଭୁଲି ଯାଇଥିଲେ ଦିଶା ଅବସ୍ଥା କଥା । ଝିଅ ଜନ୍ମବେଳର କଥା ମନେ ପଡିଲା ଦିଶାର । ଚାରି ଦିନ ଧରି ବାରମ୍ବାର ହସ୍ପିଟାଲକୁ ଯିବା ଆସିବା କାରଣରୁ କାମରେ ଖୁବ୍ ଅସୁବିଧା ହେଉଛି ଦର୍ଶାଇ ଆଶିଷ ଡାକ୍ତର ଙ୍କ ବାରଣ ସତ୍ୱ ? ତାକୁ ଡିସଚାର୍ଯ କରାଇ ନେଇ ଆସିଥିଲା । ନିଜ ଘରକୁ ନନେଇ ବାପା ମାଆ ଙ୍କ ପାଖରେ ରହିଲେ ସୁବିଧା ହେବ ବୋଲି ଦିଶାକୁ ବୁଝାଇଥିଲେ ଆଶିଷ । ହେଲେ ଘରେ ପହଂଚିବା ପରେ ପରେ ହିଁ ଝିଅ କୁ ଜ୍ୱର ଆସିଲା ।ଦିଶା ଡାକ୍ତରଙ୍କୁ ଫୋନ୍ କଲା ତ ,ମନା କରିବା ସତ୍‌ବେ ଘରକୁ ନେଇ ଆସିଥିବାରୁ ଖୁବ୍ ଗାଳି କଲେ ଡାକ୍ତର ।ଦିଶା ଏକଥା ଆଶିଷଙ୍କୁ ଜଣାଇଲା ବ୍ୟସ୍ତ ହୋଇ । ହେଲେ ସେ ଯେମିତି କଥାଟିକୁ ହାଲକା ଭାବରେ ନେଇ ଧୈର୍ଯ୍ୟ ଧରିବାକୁ କହିଲେ ।ଅଭିମାନବଶତଃ ଆଉ କିଛି ଆଶିଷ ଙ୍କୁ ନକହି ଝିଅକୁ ନେଇ ସେ ପହଂଚିଯାଇଥିଲା ଡାକ୍ତରଖାନାରେ ।

ଏମିତି ଏମିତି ସମୟ ଗଡି ଚାଲିଥିଲା । ଝିଅକୁ ଚାରିବର୍ଷ ହୋଇ ଯାଇଥିଲା ।ଦିଶା ପୁଣି ଫେରିଗଲା ଅତୀତ ଦିନକୁ ।ବି.ଏସ.ସି ପରେ ବି.ଏଡ କରି ଶିକ୍ଷକତା ବୃତି ଆପଣେଇବାକୁ ଚେଷ୍ଟା କରୁଥିଲା ବେଳେ ବାହାଘର ପାଇଁ ପ୍ରସ୍ତାବ ମାନ ଆସି ପହଂଚୁଥାଏ । ତା'ର ଇଚ୍ଛା ଥିଲା ଦୁଇ ତିନି ବର୍ଷ ଚାକିରି ପରେ ବାହାଘର କଥା ଭାବିବ । ହେଲେ ଏମିତି ସମୟରେ ମାମୁ ଆଶିଷ ଙ୍କ ପ୍ରସ୍ତାବ ଧରି ଆସିଲେ ।

ଆଶିଷଙ୍କ ପରିବାର ବୋଇଲେ ମା ପୁଅ ଦୁଇଜଣ ଏବଂ ଘରର ଅବସ୍ଥା ଅପେକ୍ଷାକୃତ ସ୍ୱଚ୍ଛଳ ଥିଲା ବୋଲି ମାଆ ଜିଦ୍ କଲେ ବାହାଘର ସେଇଠି କରିଦେବାକୁ ।ବାପା କିନ୍ତୁ ଚାହୁଁଥିଲେ ଝିଅ ତାଙ୍କର ନିଜ ଗୋଡରେ ଠିଆ ହେଉ ବୋଲି । ହେଲେ ଝିଅର ଦାୟିତ୍ୱ ଶୀଘ୍ର ମୁଣ୍ଡ ଉପରୁ ଖସେଇ ଦେବାକୁ ମାଆ ବାପାଙ୍କୁ ବୁଝାଇବାରେ ସଫଳ ହେଲେ । ବିବାହ ପୂର୍ବରୁ ଆଶିଷଙ୍କୁ ଥରେ ମାତ୍ର ଦେଖିଥିଲା ଦିଶା । ସେଇ ଯାହା ଝିଅ ଦେଖା ପର୍ବରେ । ହେଲେ ଦି'ପଦ ଭଲରେ କଥା ହୋଇ ପାରିନଥିଲା ଆଶିଷଙ୍କ ସହିତ । କେମିତି ବା ପଚାରି ପାରିଥାନ୍ତା ରୁଚି ଅରୁଚି ବିଷୟରେ? ପୁଅ ଝିଅ ଙ୍କୁ ପରସ୍ପର ସହ କଥା ହେବାକୁ ସୁଯୋଗ ଦେବା ପାଇଁ କହିଥିବା ଶାଶୁ ନିଜେ ଯାଇ କିନ୍ତୁ ବସି ପଡିଥିଲେ ସେଇ ଘରେ ।

ବାହାଘର ପରେ ଦିଶା କେତେଥର



**ସୁଦର୍ଶନ ମହାପାତ୍ର**

ଆଶିଷଙ୍କୁ କହିଥିଲା ଆଖପାଖରେ କେଉଁ ସ୍କୁଲରେ ଶିକ୍ଷକତା କରିବା କଥା । କିନ୍ତୁ ଆଶିଷ ରାଜି ହୋଇନଥିଲେ ।ଘର କାମ ପାଇଁ ଆଉ ରୋଷେଇ ପାଇଁ ଦୁଇଜଣ ସ୍ତ୍ରୀ ଲୋକ ଆସୁଛନ୍ତି ବୋଲି ବାହାଘର ଆଗରୁ ଶାଶୁ କହିଥିବା କଥା ସଂପୂର୍ଣ୍ଣ ଯେ ମିଛ ଥିଲା ବୋଲି ବୁଝି ସାରିଥିଲା ଦିଶା ।

ଦିଶା ବୋହୂ ହୋଇ ଆସିଲା ବେଳକୁ ଯେଉଁ ସ୍ତ୍ରୀଲୋକ ଟି କାମ କରିବାକୁ ଆସୁଥିଲା ତାକୁ ଆସିବାକୁ ନିଜେ ଶାଶୁ ମନା କରିଦେଇଥିଲେ ବୋଲି ପଛରେ ଜାଣିଲା ସେ ।ଏମିତି ଦିନେ କଥାବାର୍ତା ଭିତରେ ନିଜେ ଆଶିଷ ହିଁ ଅନ୍ୟମନସ୍କ ଭାବରେ ଏ ବିଷୟରେ କହିଦେଲେ ତ ଦିଶା ମନେ ମନେ ଖୁବ୍ ଦୁଃଖ ପ୍ରକାଶ କଲା । ପରଦିନ ଶାଶୁ ସଫେଇ ଦେଲେ ଯେ ବୋହୁ ଘରକୁ ଆସିଲା ପରେ ଅନ୍ୟ ହାତର ରୋଷେଇ ଖାଇଲେ ପରିବାର ପାଇଁ ମଙ୍ଗଳଦାୟକ ନୁହେଁ ବୋଲି ଜଣେ ବାବା କହୁଥିବାର ସେ ସ୍ୱପ୍ନ ଦେଖିଛନ୍ତି ।ଦିଶା ବୁଝି ଯାଇଥିଲା ସବୁ କିଛି ।

ନୂଆ ବୋହୁ ଦେଖି ଆସୁଥିବା କେହି କେହି ଯଦି ଦିଶା କୁ ଚାକିରି କରିବା ବିଷୟରେ ପଚାରୁଥିଲେ ତ ଶାଶୁ କହୁଥିଲେ -'ଭଗବାନ ଙ୍କ ଦୟାରୁ ଆମର ଯଥେଷ୍ଟ ପଇସା ଅଛି ଘର ଚଳିବା ପାଇଁ ।ଆଉ କାହା ଘର ଭଳିଆ ବୋହୁ କୁ ରୋଜଗାର କରିବା ପାଇଁ ବାହାରକୁ ପଠାଇ ପାରିବି ନାହିଁ ।ବୋହୁ ମୋର ଘରେ ଆରାମରେ ରହୁ,ଇତ୍ୟାଦି ଇତ୍ୟାଦି.. ଭଳି କଥା କହି ପରୋକ୍ଷରେ ସୂଚିତ କରୁଥିଲେ ଯେ ଦିଶା ଚାକିରି କରିବା ପାଇଁ ସେ ଅନୁମତି ଦେବେ ନାହିଁ । ଏଇ ଛଅ ମାସ ତଳେ ଶାଶୁଙ୍କର ହଠାତ୍ ହୃଦଘାତ ହେଲା ତ ଚାଲିଗଲେ ଆରପାରିକୁ । ଝିଅ ସ୍କୁଲ ଗଲାପରେ ଦିଶା ପୁରା ଘରଟାରେ ଏକା । ସେ ଆଉଥରେ ଆଶିଷଙ୍କୁ ଅନୁରୋଧ କରି କହିଥିଲା ତା'ର ଚାକିରି ବିଷୟରେ । ହେଲେ ଘରେ ଏକୁଟିଆ ରହି ବୋର୍ ହେବା ଅପେକ୍ଷା କୌଣସି ଏକ ସ୍କୁଲରେ ଜଏନ୍ କରିବାର ତା ପ୍ରସ୍ତାବକୁ ଆଶିଷ ପୁଣିଥରେ ଏଡାଇ ଯାଇଥିଲେ ।

ମନଦୁଃଖରେ ଥିବା ଦିଶାକୁ ଆଶିଷ ବୁଝାଇବାକୁ କହିଲେ -' ମୋ ରୋଜଗାରରେ ତୁମର ଚଳିବାକୁ ଅସୁବିଧା ହେଉଛି? ମାସକୁ କେତେ ଟଙ୍କା ଦରକାର କୁହ ମୁଁ ଦେବି । ଅଯଥାରେ ସ୍କୁଲରେ ଯାଇ ଖଟିବ କାହିଁକି ?ତୁମେ ଘରେ ରୁହ । ଝିଅର ପଢ଼ାପଢ଼ି ଭଲକରି ଦେଖ । ଘର ସମ୍ଭାଳିବା କାମ କୌଣସି ଚାକିରି ଠୁ କମ୍ ନୁହେଁ ।' ଦିଶା ଆଉ କିଛି କହି ପାରିଲା ନାହିଁ । ଟିଭି, ନ୍ୟୁଜପେପର, ଫୋନ୍ ରେ ସମୟ ଅତିବାହିତ କରେ । ଝିଅର ପଡା ଦେଖେ । ଭିନ୍ନ ଭିନ୍ନ ପ୍ରକାର ରୋଷେଇ କରି ଆଶିଷ କୁ ଖୁସି କରାଇବାକୁ ଚେଷ୍ଟା କରେ ଏବଂ ତା ଖୁସିରେ ନିଜେ ଖୁସି ହୁଏ ।

କଲିଂବେଲ ଶବ୍ଦରେ ଦିଶା ଭାବନା ରାଜ୍ୟରୁ ଫେରି ଆସିଲା । ଧାଇଁଲା ଭଳି ଯାଇ କବାଟ ଖୋଲି ଦେଖିଲା ଆଶିଷ ହିଁ ବାହାରେ ଠିଆ ହୋଇଛନ୍ତି ।ଦିଶା ଅଭିମାନ ଭରା ସ୍ୱରରେ କହିଲା -' ଏୟାରପୋର୍ଟ ରୁ ଫୋନ୍ କଲନି କାହିଁକି?' ଆଶିଷ ଦିଶା ପ୍ରଶ୍ନର କୌଣସି ଜବାବ ନଦେଇ ମୁହଁରେ ଅଳ୍ପ ହସ ଫୁଟାଇଲା ଯାହା । ବାଥରୁମ ଯାଉଁ ଯାଉଁ କହିଲା -' ଯାହା କିଛି ଅଛି ଶୀଘ୍ର ବାଢ ।ଭାରି ଭୋକ.. ।'

ବାଥରୁମରୁ ବାହାରି ଝିଅ ମୁଣ୍ଡରେ ଟିକିଏ ହାତ ବୁଲେଇ ଦେଇ 'ଆଜି ପଢ଼ାପଢ଼ି ନାହିଁ କି?' କହି ଖାଇ ବସିଲେ ଆଶିଷ । ଝିଅର ମୁହଁ ଝାଉଁଳି ପଡିବାର ଦେଖିଲା ଦିଶା । -' କେମିତି ହେଲା ତୁମର ମିଟିଂ? ' ଟିକିଏ ସମୟ ପରେ ଦିଶା ପଚାରିଲା । କିଛି ଉତର ଦେବା ପରିବର୍ତେ? ଆଶିଷ ନରମ ଦୃଷ୍ଟିରେ ଚାହିଁଲା ଦିଶା ଆଡକୁ ଏବଂ ପୁଣି ଆଖି ଅବନତ କରି ଖାଇବାରେ ମନ ଦେଲା । ଆଶିଷ ର ସେଇ ବିକଳ ଦୃଷ୍ଟିରୁ ଦିଶା ହତୋତ୍ସାହିତ ହୋଇ ପଡିଲା । କିଛି ଅସୁବିଧା ହୋଇଛି ବୋଲି ବୁଝି ପାରିଲା ଏବଂ ଆଉ କିଛି ପଚାରିଲା ନାହିଁ ।

' ଭାରି ଅବଶ ଲାଗୁଛି' କହି ଆଶିଷ ଚାଲିଗଲା ଶୋଇବାକୁ ।

ଚାକିରି କୁ ନେଇ ଆଶିଷ କୁ ବେଳେ ବେଳେ ବାହାରକୁ ଯିବାକୁ ପଡିଥାଏ । ହେଲେ ଫେରିଲା ବେଳକୁ ତା' ମୁହଁରେ ଯେମିତି ଏକ ଚମକ ଖେଳୁଥାଏ । ସିନିଅର ମାନଙ୍କର ପ୍ରଶସ୍ତି ତାକୁ ସେ ପର୍ଯ୍ୟନ୍ତ ଯେମିତି ଉତ୍ସାହିତ କରି ରଖିଥାଏ ।ନିଜର ଯାତ୍ରାକାଳୀନ କଥା ବି ଖୁବ୍ ଆଗ୍ରହର ସହ ଦିଶା ଆଉ ଝିଅକୁ କହିଚାଲେ ।

ସେଦିନ 'କ୍ଳାନ୍ତ ଲାଗୁଥିବ, ଶୋଇପଡ଼' ବୋଲି ଦିଶା କହିଲେ ବି ଆଶିଷ ଆଖିରେ ନିଦ ନଥିବ । ବରଂ ଦୁଷ୍ଟାମୀରେ ଭରପୁର ତା ଆଖି ଦେଖିଲେ ଦିଶା ଲାଜେଇ ଯାଏ ।ହେଲେ ଆଜିର ବ୍ୟତିକ୍ରମ ଦିଶାକୁ ଦୁର୍ଶ୍ଚିନ୍ତାରେ ପକାଇଦେଇଥିଲା । ଝିଅ ବି ତା ବାବାଙ୍କର ଭାବ ଭଙ୍ଗୀ ଦେଖି ଗୁମସୁମ ରହିଲା । ସକାଳକୁ ସବୁ ଠିକ୍ ହୋଇଯିବ ବୋଲି ଶୋଇ ପଡିଲା ଦିଶା ।ନିଦ ଭାଙ୍ଗିଲା ବେଳକୁ ଦେଖିଲା ଆଶିଷ ନାହିଁ ବିଛଣାରେ ।ନଅଟା ଦଶଟା ଆଗରୁ ନ ଉଠୁଥିବା ଲୋକ ସକାଳ ପାଂଚଟାରେ ଉଠିପଡିବାଟା ଆଚମ୍ଭିତ ଲାଗିଲା ଦିଶାକୁ । ଝିଅର ନିଦ ଭାଙ୍ଗିଯିବ ବୋଲି ଦିଶା ଧିରେ ଖଟରୁ ଓହ୍ଲାଇ ବୈଠକ ଘରକୁ ଗଲା । ଆଶିଷ ଲ୍ୟାପଟପରେ କ'ଣ କରୁଥିବାର ଦେଖିଲା ସେଇଠି ।

-' ଏତେ ଶୀଘ୍ର ଉଠି ପଡିଲ ଯେ ?ଚା' କରି ଆଣୁଚି ।'

ସମ୍ମତି ଜଣାଇଲା ଆଶିଷ ।

-' ତୁମେ କୌଣସି ଗୋଟିଏ ସ୍କୁଲରେ ଟିଚରସିପ୍ ପାଇଁ ଚେଷ୍ଟା କର ।' ଗୋଟିଏ କପ୍ ଚା' ହାତରେ ଧରି ଦିଶା ଆଡେ ଚାହିଁ କହିଲା ଆଶିଷ ।

-' କାହିଁକି କ'ଣ ହେଲା କି? ହଠାତ୍ ଏମିତିଆ ଗୋଟେ ଡିସିସନ ନେଲ? ମୁଁ ତ ଯା ଭିତରେ ତୁମକୁ ଆଉ ମୋ ଚାକିରି ବିଷୟରେ କିଛି କହିନି ।'

-' ଇଡିଅଟ ଗୁଡାକ । ଏତେ ପରିଶ୍ରମ କରି, ପରିବାର କୁ ନଚାହିଁ କମ୍ପାନୀ ପାଇଁ କାମ କରି ଶେଷକୁ 'ୟୁସଲେସ' ଭଳି ଶବ୍ଦ ଯଦି ଶୁଣିବାକୁ ପଡେ ସେଇ କମ୍ପାନୀରେ ରେ ଆଉ କାମ କରିବାକୁ ଇଚ୍ଛା ହେବ କି? ଇଚ୍ଛା ହେବ କ'ଣ....? ଏଇ ସକାଳୁ ଡିସିସନ୍ ନେଲି ଆଉ ଏବେ ଏବେ ରିଜାଇନ୍ କରିଦେଲି ।'

-' ଠିକ୍ ଅଛି । ଯାହା ଭଲ ଭାବିଛ ସେ କାମ କରି ଠିକ୍ କରିଛ । ତୁମର ଏବେ ଯେତିକି ଅଭିଜ୍ଞତା ହୋଇଛି ସେତିକିରେ ଆହୁରି ଭଲ ଜବ୍ ହାତେଇ ପାରିବ ।ଅଧୈର୍ଯ୍ୟ ନହୋଇ ସୁଯୋଗକୁ ଅପେକ୍ଷା କର ।' କହିଲା ଦିଶା ।

-' ମୁଁ ତ ନୂଆ ଜବ୍ ପାଇଁ ଚେଷ୍ଟା କରିବି । ହେଲେ ତୁମେ ବି ତୁମ ଇଚ୍ଛା ପୂରଣ କରିବାକୁ ଚେଷ୍ଟା କର । ତୁମେ ମୋ ପାଇଁ ତୁମ ସ୍ୱପ୍ନ କୁ ଯେମିତି ଉପେକ୍ଷା କରିଛ ସେତିକି ବହୁତ ।ଆଉ ଅପେକ୍ଷା କର ନାହିଁ ।ତୁମର ଚାକିରି ହୋଇଗଲେ ଆମେ ଭବିଷ୍ୟତ ପାଇଁ ନିଶ୍ଚିନ୍ତ ରହିବା ।' ଦିଶା ମନରେ ଏଥର ଫୁଟି ଉଠିଲା ଆଶାର ଆଲୋକ । ଆଶିଷ କୁ ନିଜ ତରଫରୁ ସଶ୍ରଦ୍ଧ ଚୁମାଟିଏ ଦେବାକୁ ଆଗଭର ହେଲା ବେଳକୁ ଝିଅ ସେମାନଙ୍କ ଆଡକୁ ଆସୁଛି ବୋଲି ନଜର ପଡିଲା । ଦୁହେଁ ହସି ଉଠିଲେ ଜୋରରେ ତ ଝିଅ ବୋକାଙ୍କ ପରି ଚାହିଁଥିଲା ବାବା ମା'ଙ୍କ ଆଡେ...!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ: ୯୪୩୮୧୭୫୫୪୨*

## ବାପା

*ଆଦ୍ୟାଶା ମହାପାତ୍ର*



ବୁଝିବି ବୁଝିବି ବୋଲି
ଶେଷ ପର୍ଯ୍ୟନ୍ତ ବୁଝି ପାରିଲିନି
ଈଶ୍ୱରୀୟ ନିର୍ମଳ ହସ ଭିତରେ
ବାପାଙ୍କ ପରିଚିତ ଦୁଃଖକୁ
ଜାଣିବି ଜାଣିବି ବୋଲି
ଶେଷ ପର୍ଯ୍ୟନ୍ତ ଜାଣି ପାରିଲିନି
ବାପା କେମିତି
ଆତ୍ମସ୍ଥ କରି ପାରିଥିଲେ
ଦୁଃଖ ମାନଙ୍କୁ ଆକଟ କରିବାର
ମହାମନ୍ତ୍ର
ଶିଖିବି ଶିଖିବି ବୋଲି
ଆଜି ଶିଖି ପାରିଲିନି
ଜମାଟ ବାନ୍ଧିଥିବା
ଅନ୍ଧକାରକୁ ଚିରି
କେମିତି ପହଂଚି ହୁଏ
ଆଲୋକ ପାଖରେ
ଯାହା ବାପା କରିଥିଲେ ଆୟତ
ଜାଣିଥିଲେ ତା'ର ସରଳ ସୂତ୍ର
ଦେଖିବି ଦେଖିବି ବୋଲି
କେବେ ଦେଖିପାରିଲିନି
ବାପା ଙ୍କ ଆଖିରେ ଅସହାୟତା
ବାପାଙ୍କ ଦେହରେ ବିବଶତା
ବାପାଙ୍କ ଠାଣିରେ ଉଦବିଗ୍ନତା
ପକ୍ଷୀଟିଏ ହୋଇ ଉଡିବାକୁ
ଶତ ଚେଷ୍ଟା କଲେ ବି
ବାପାଙ୍କ ସ୍ୱରୂପ କଳି ପାରିଲିନି
ବାପା ଯେ ଅତ୍ୟୁଚ୍ଚ
ଆଙ୍କିବି ଆଙ୍କିବି ବୋଲି
ଜମାରୁ ଆଙ୍କି ପାରିଲିନି
ବାପାଙ୍କ ଅବିକଳ ଚିତ୍ର...!!!

*ନୂଆପଡା, କଟକ*

## ତଫାତ୍

*ରତ୍ନକାନ୍ତି ମିଶ୍ର*



ଆକଣ୍ଠ ପାନ କଲେ ବି
କାମନା ତଥାପି ଅତୃପ୍ତ
ବିନା କାମନାରେ ପ୍ରେମ ସନ୍ତୁଷ୍ଟ
କାମନା ଜନ୍ମ ନିଏ,ମରେ
ପୁଣି ନିଏ ପୁର୍ନଜନ୍ମ
ପ୍ରେମ କିନ୍ତୁ ଅମର ଚିରନ୍ତନ
ପ୍ରେମ ପବିତ୍ର !

କାମନା ଏକ ବିଷ ଫଳ
ଯିଏ ଜଳେ,ଜଳାଏ
ପ୍ରେମ କିନ୍ତୁ ଶାନ୍ତି ଭରିଦିଏ
ମନରେ ଆତ୍ମାରେ

କାମର ଆଧାର ଭୋଗ
ପ୍ରେମରେ ଆଧାର ତ୍ୟାଗ
କାମ ହିଁ ବନ୍ଧନ
ପ୍ରେମ ମୁକ୍ତ ବିହଙ୍ଗମ
କାମନା ସଂସାରର ଅଙ୍କୁର
ପ୍ରେମ ଶାଶ୍ୱତ ସୁନ୍ଦର
କାମନା ଦୁଃଖ ପାରାବାର
ପ୍ରେମ ମୋକ୍ଷର ଦ୍ୱାର

କାମ ଷଡରିପୁ ରୂପ
ଦେଖାଏ ନର୍କପଥ
ପ୍ରେମ ବାଂମୟ ରୂପ
ଚେତନା ସମ୍ଭୁତ, ନିର୍ବିକଳ୍ପ....!!!

*ଆଳି, କେନ୍ଦ୍ରାପଡା*

## ମୁହିଁ ବଡ଼ ଭୟଭୀତ

*ନିରଞ୍ଜନ ସାହୁ*



କେମିତି କହୁନ ତୁମରି ନାମରେ
ଲେଖିପାରିବି ମୁଁ ଗୀତ
କେମିତି କହୁଛ ମୋ ନାମରେ ଲେଖି
ଶ୍ରୋତାଙ୍କ ହୃଦୟ ଜିତ ।
ଗୀତ ବେଳେବେଳେ ଲେଖା ଯାଇଥାଏ
ପ୍ରେମକୁ ଆଧାର କରି
ପ୍ରେମିକାର ନାଆଁ ଧରା ଯାଇଥାଏ
ମିଳନ ବିଚ୍ଛେଦ ଭରି
ତୁମରି ମତରେ ସେହି ଗୀତ ଜିତେ
ଶ୍ରୋତାମାନଙ୍କର ଚିତ ।
ହୋଇପାରିଥାଏ ସେହି କଥା ସତ
ସ୍ୱୀକାର କରୁଛି ତାହା
ମିଳନ ଗୀତରେ ଆନନ୍ଦ ମିଳୁଛି
ବିଚ୍ଛେଦରେ ଶୁଭେ ଆହା
ପ୍ରେମିକାକୁ ନେଇ ଗୀତ ଲେଖାଯାଏ
ପ୍ରେମିକା ମନର ମିତ ।
ମୁଁ କିନ୍ତୁ ତୁମରି ନାଆଁକୁ ନେଇକି
ଗୀତ ଲେଖିବିନି କେବେ
ସେହି ନାଆଁ ମୋର ଏତେ ଆପଣାର
ତୁମେ ବୁଝିଯିବ ଯେବେ
ନିଶ୍ଚୟ କହିବ ତୁମ ନାମ ମୋର
ଅତି ମୂଲ୍ୟବାନ ବିତ ।
ତୁମରି ନାଆଁକୁ ବିପଣୀ କରି ମୁଁ
କଦାପି ବିକିବି ନାହିଁ
ତୁମ ନାମ ଧରି ବିଂଚଛି ବିଂଚି
ତୁମରି ମୁହଁକୁ ଚାହିଁ
ଗୀତ ଆମ ପାଇଁ ବିପତି ଆଣିବ
କଦାପି ହେବନି ହିତ ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ପୁଷେ ଚାଷୀ ଭାଇ ମନ ହରଷ

*ସୁଧାକର ରାଉତ*



ଆସିଛି ପୁଷ ମଗୁଶୁର ପରେ
ହେମାଳ ପବନେ ଦେହ ଯେ ଥରେ ।
ଚାଷୀ ଭାଇ ତା ଖାତିର ନକରି
ବିଲକୁ ଯାଏ ହାତେ ଦାଆ ଧରି ।
ପାଚିଲା ଧାନକୁ ଦେଖିତା କ୍ଷେତେ
ଭାବେ ସ୍ୱପ୍ନ ତା ସତ ହେଲା ସତେ ।
ବରଷ ଯାକ ପରିଶ୍ରମ ଫଳ
ପବନେ ଦୋହଲି ଖେଳୁଛି ଖେଳ ।
ଚାଷ କାମରେ ଢାଳି ଲହୁ ଲୁହ
କେତେ କଷ୍ଟ ନ ସହିଛି ତା ଦେହ ।
ଏବେ ଧାନ କାଟି ଖଳାକୁ ଆଣି
ବେଙ୍ଗଳା ପକାଇ ରଖିବ ପୁଣି ।
ସ୍ୱାର୍ଥ ମନୋଭାବ ନଥାଏ ତାର
ଆପଣାର ଭାବେ ଯେତେକ ପର ।
ଜଗତ କୁ ଆହାର ଯିଏ ଦିଏ
ତା'କଥାକୁ ଥରେ ଭାବିଛ କିଏ ?
ମାଟିର ମଣିଷ ଅଟଇ ସିଏ
ସେପାଇଁ ମାଟି ତାକୁ ଭଲ ପାଏ ।
ଆମେ ବି ଶ୍ରମ କରିବା ତା ଭଳି
ଆପଣା ସ୍ୱାର୍ଥକୁ ଦେଇଣ ବଳି ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## ଶୀତ କାକର



ସୁରେନ୍ଦ୍ର ରଣା

ଶୀତର ଆରମ୍ଭ ଗାଁର ଚାରିପାଖରେ ଥିଲା ମାଟି କ୍ଷେତ, ଗୁଡ଼ି ପଥର ପାହାଡ଼, ଓ ତାଙ୍କ ମଝିରେ ଗୋଟିଏ ଶାନ୍ତ ନଦୀ । ଯାହା ଶୀତ ଋତୁ ଆସିଲେ ବିଶେଷ ସୁନ୍ଦର ହୋଇଯାଉଥିଲା । ପ୍ରଭାତରେ ଧୂଆଁ ଭରିଯାଉଥିଲା ଗାଁ, ପକ୍ଷୀମାନେ ମିଠା ଧ୍ୱନିରେ କିଚିରି ମିଚିରି କରୁଥିଲେ ଓ ଲୋକେ ଚାଦର ମୁଡି ଗରମ ଚା ପିଉଥିଲେ । ସେହି ଗାଁରେ ଥିଲେ ଗୋଟିଏ ଛୋଟ ଛୁଆ ଅମିତ । ତାଙ୍କ ଜୀବନ ସାଧାରଣ କିନ୍ତୁ ମନରେ ଭରି ସ୍ୱପ୍ନ । ସେ ଶୀତ ଋତୁକୁ ବହୁତ ଭଲ ପାଉଥିଲେ କାରଣ ଏହି ଋତୁ ତାଙ୍କ ପାଇଁ ନୂଆ ଅନୁଭବ ଆଣୁଥିଲା । ଗରମ ଅଗ୍ନିକୁଣ୍ଡ ଗୋଟିଏ ମିଠା ମା'ର ହାତରେ ତିଆରି ପିଠା ଓ ଚନ୍ଦ୍ରକାନ୍ତି ରାତିରେ ଜୀବନର ଶାନ୍ତି । ଗୋଟେ ସକାଳେ ଅମିତ ଦେଖିଲେ ତାଙ୍କ ପୁରୁଣା କୁକୁର ଟମି ରୋଗୀ ହୋଇଯାଇଛି ।ଶୀତରେ ଥଣ୍ଡା ପାଣି ଓ ଧୂଆଁରେ ଟମି ଅସୁସ୍ଥ ହୋଇ ଖାଇ ନ ଥିଲା । ଅମିତ ତାକୁ ମା'ର ଜାହାଜି ଶାଳ ମୁଡି ଗରମ କରୁଥିଲେ କିନ୍ତୁ ଟମି ଦୁର୍ବଳ ହେଉଥିଲା । ଏହି ଶୀତର ସକାଳ ଅମିତ ପାଇଁ ଅନ୍ୟ ମତିର ହୋଇଯାଇଥିଲା । ଗାଁର ଅନ୍ୟ ଛୁଆମାନେ ଗୋଲାପ ତୋଳୁଥିଲେ, ଗଛରେ ବସିଥିବା ପକ୍ଷୀ ଧରୁଥିଲେ, କିନ୍ତୁ ଅମିତ ମାତ୍ର ଟମିର ଚିନ୍ତାରେ ଥିଲେ । ଅମିତ ର ମାଆ ଗୋଟେ ଦିନ ତାଙ୍କୁ କହିଲେ, ଶୀତରେ ଜୀବନ କେବେ ମାତ୍ର ଥଣ୍ଡା ନୁହେଁ, ଏହା ଗରମ ମନର ଅଭ୍ୟାସ । ଯେମିତି ଶୀତ ଚାଲିଯାଏ, ସେମିତି ମନର ସ୍ନେହର ଦୁଃଖ ହଟିଯାଏ । ଅମିତ ତାହା ଶୁଣି ଗୋଟିଏ ଛୋଟ ଅଗ୍ନିକୁଣ୍ଡ ଜଳାଇଲେ ଘର ଆଗରେ, ଟମିକୁ ତାହା ପାଖରେ ରଖିଲେ । ରାତିରେ ଚନ୍ଦ୍ରକିରଣ ଓ ଅଗ୍ନିର ଆଲୋକ ମିଶି ଯେପରି ସେହି ଘରକୁ ସ୍ୱର୍ଗ ମାନି ହୋଇଯାଇଥିଲା । ଦିନେକରେ ଟମି ଆଖି ଖୋଲି ଅମିତ ଦେଖିଲା, ଅଳ୍ପ ହସିଲା ଆଉ ତାଙ୍କ ମୁହଁ ଛୁଇଁଲା । ସେ ମୁହୂର୍ତ ଅମିତ ପାଇଁ ଶୀତର ସବୁଠୁ ଗରମ ସକାଳ ହୋଇଗଲା । ସେହି ଦିନପରେ ଅମିତ ବୁଝିଲେ ଯେ ଶୀତ ଋତୁ କେବେବି ଦୁଃଖର ନୁହେଁ, ଏହା ଆମକୁ ଶିଖାଏ,ଯେ ଜୀବନରେ ଥଣ୍ଡା ଓ ଦୁଃଖ ଯେତେ ଆସୁନା, ଯଦି ମନରେ ସ୍ନେହର ଅଗ୍ନି ରହିଥାଏ ।ତେବେ ସବୁଦିନ ଆଲୋକମୟ ହୋଇଯାଏ । ଶୀତ ଋତୁ ଶେଷ ହେବା ସମୟ ଆସିଲା । ଗାଁରେ ପୁଣି ଗଛରେ ଫୁଲ ଫୁଟିଲା, ମାଟିରେ ସବୁଜ ଆସିଲା । ଅମିତ ଟମି ସହିତ ନଦୀ ପାଖକୁ ଗଲେ ଓ ହସିଲେ ଏହି ଶୀତ ମୋତେ ଶିଖାଇଲା ଯେ, ଜୀବନର ସତ ଗରମ ହେଉଛି ମନର ଦୟା । ଶୀତ ଋତୁ ମାତ୍ର ଥଣ୍ଡା ନୁହେଁ, ଏହା ହେଉଛି ଆମର ଭିତର ଗରମ,ମନ ମମତା ଓ ଆଶାର ପରୀକ୍ଷା ।

*ଗଣ୍ଡାମେର ତୁଳସୀପଡା*
*ଗୋଲାମୁଣ୍ଡା, କଳାହାଣ୍ଡି*

## ବିଶ୍ୱାସେ ନଦିଅ ବିଷ



**ରାମଚନ୍ଦ୍ର ବେହେରା**

ବିଶ୍ୱାସ ଖୁଅରେ ଚାଲିଛି ଦୁନିଆଁ
ଚାଲୁଥିବ ଯୁଗ ଧରି
ବିଶ୍ୱାସ ଅଟଇ ସମ୍ପର୍କର ସେତୁ
ଦିଏ ଆତ୍ମୀୟତା ଭରି
ବିଶ୍ୱାସ ଦିଏ ଭରସା
ବିଷାଦ ପରାଣେ ଜାଗେ ଅନୁରାଗ
ଜନ୍ମନିଏ ନୂଆ ଆଶା ।
ବିଶ୍ୱାସର ବଳେ ପୂର୍ଣ୍ୟ ନନ୍ଦିଘୋଷ
ବଡଦାଣ୍ଡେ ହେଲା ସ୍ତବ୍ଧ
ଭକ୍ତ ସାଲବେଗ କରିଲେ ଦର୍ଶନ
ଆଗକୁ ବଢ଼ିଲା ରଥ
ବିଶ୍ୱାସ ଦିଅଇ ଭକ୍ତି
ବିଶ୍ୱାସ ଡୋରୀକୁ ମଜବୁତ୍ କଲେ
ମିଳଇ ପରାଣେ ତୃପ୍ତି ।
ବିଶ୍ୱାସରେ ବିଷ ସମର୍ପି ମନ୍ଥରା
ପାଇଥିଲା ଅପଯଶ
ଶକୁନିର ଘୃଣ୍ୟ ରାଜନୀତି ପାଇଁ
ଧ୍ୱଂସ ହେଲା ଯଦୁବଂଶ
ବିଶ୍ୱାସ ଅମୃତ ଧାରା
ବିଶ୍ୱାସ ସହିତ ଯେ ଖେଳ ଖେଳଇ
ସହି ନପାରଇ ଧରା ।
ବିଶ୍ୱାସରେ ବିଷ ଦିଏ ଯେଉଁ ଜନ
କଳାମେଘ ଆସେ ଘେରି
ନିଜର ପତନ ନିଜେ କରିଥାଏ
ସୁଖ ଶାନ୍ତି ହୁଏ ଦୂରୀ
ମନକୁ ଥରେ ପଚାର
ବିଶ୍ୱାସ ଘାତକ ସାଜିଲେ ଜଗତେ
ନିଜେ ହେବ ଛାରଖାର ।
ବିଶ୍ୱାସକୁ ଦିଅ ମାନ ସନମାନ
ସେ'ପରା ଆଶାର ଉତ୍ସ
ନିଜ ସ୍ୱାର୍ଥ ଜେଜି ଅନ୍ୟ ହିତ ପାଇଁ
ସର୍ବଦା କର ପ୍ରୟାସ
ନିରାଶା ହୋଇବ ଲୀନ
ତୁମ ସୁବିଚାର ଆଦରିବେ ଜନେ
ଜୀବନ ହୋଇବ ଧନ୍ୟ ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ସମ୍ପର୍କ

ମୁଁ ତ ମାଗିନି ଆକାଶର ଚାନ୍ଦ
ରଜତ-ଜ୍ୟୋସ୍ନା-ହସ.....
ଯାଚି ଦେଇଗଲ ମୁଠାଏ ମମତା
ସ୍ମୃତି ଫଗୁଣର ରସ....!!
ସମ୍ପର୍କ ଯେଉଁଠି ବିନ୍ଦୁଏ ନଥିଲା
ଅମୃତ ବରଷି ଗଲା....
ସବୁ ଋତୁ ଏବେ ବସନ୍ତ ମଳୟ
ଫୁଲ ଫୁଟି ଚହଟିଲା...!!
ଆଖିରେ ନଥିଲା ଚେନାଏ ସପନ
ଏବେ ଯେ ସପନ ବେଶି....
ଅସୀମ ସପନେ ମଗ୍ନ-ମାନସ
ଛୋଟ ପଡ଼ିଯାଏ ନିଶି...!!
ଖୋଲା ଆକାଶଟା ଆପଣର ଲାଗେ
ତାରା ଭରା ଜହ୍ନ ରାତି...
ତୁମ ବିରହରେ ପ୍ରୀତି ଝଡ଼ ବହେ
ଉତାଳ ତରଙ୍ଗ ଛାଡି.....!!



କବି କେଶବ ଚନ୍ଦ୍ର ନାୟକ

ଅପେକ୍ଷା ହେଲାଣି ଯନ୍ତ୍ରଣା ଦାୟକ
ଚୁମ୍ବକିତ ମନ ପ୍ରାଣ...
ବାହୁ ବନ୍ଧନରେ ବାନ୍ଧିବାକୁ ଇଛା
ନକର ବାରଣ ଧନ...!!

(ସଭାପତି, ଉତ୍କଳ ସାହିତ୍ୟ ସଂସଦ,
ମାଲକାନଗିରି)
ଫୋନ:୯୪୩୭୭୭୯୪୪୭

## ଗାଁ କନିଆଁ ସିଂଘାଣି ନାକୀ

ଆମ' ଯେତେ ରୂଢ଼ି ତା' ରହିଛି
ପ୍ରଉଢି
ବାଢ଼ିଛି ଅନେକ କଥା
ନିଗୂଢ଼ ତତ୍ୱକୁ ସରସେ କହିଛି
ହରୁଛି ମାନସ ବ୍ୟଥା
ଦେଖାଏ ସଳଖ ବାଟ
ପାଠୁଆ ସାଠୁଆ ସଭିଏଁ ଭଣନ୍ତି
ବଜାର ହେଉ ବା ଘାଟ ॥

ଲକ୍ଷ୍ୟକୁ ରଖିଣ ଅଲକ୍ଷ୍ୟକୁ ଚିନ୍ତି
ବୋଲଇ ଏମନ୍ତ ବାଣୀ
ଭାଇ ' ଗାଁ କନିଆଁ ସିଂଘାଣି
ନାକୀ ' ଲୋ
ହେଉ ପଛେ ରାଜରାଣୀ !
ସତ୍ୟ ଅଟେ ରୂଢ଼ି କଥା
ଆଜିର ସମାଜେ ଘଟଣା ଘଟୁଛି
ଜାଣିଲେ ଘୂରଇ ମଥା ॥

ବିଦ୍ୟା ବୁଦ୍ଧି ଜ୍ଞାନ ମାନ ସନମାନ
ଥିଲେ ଥାଉ ଯେତେ ଗୁଣ
ଅତି ପରିଚିତ ନୁହଁଇ ଉଚିତ
ସତ ପଛେ ଯେତେ ଭଣ



ଅଧ୍ୟାପକ ଶ୍ରୀହେମନ୍ତ କୁମାର ଗନ୍ତାୟତ

ପାଇବ ନାହିଁ ଆଦର
ସଭାରେ ଯାତ୍ରାରେ ପୂଜା
ମଣ୍ଡପରେ
କରିବେନି କେ' ସତ୍କାର ॥

ଓଡ଼ିଆରେ ଏକ ପ୍ରବାଦ ରହିଛି
ପରଘର ତୁଣ ସ୍ୱାଦ
ହେଉ ପଛେ ଲୁଣି ଅବା ଚୁଙ୍କା
ପାଣି
ଥାଉ ପଛେ ଯେତେ ଖାଦ
ଭୁଞ୍ଜନ୍ତି ଆନନ୍ଦେ ବସି
ନିଜ ଘର ତୁଣ ନଥିଲେ ବି ଖୁଣ
ନାକ ଟେକିଥାନ୍ତି ବେଶୀ ॥

*ଆସିକା, ଗଞ୍ଜାମ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday December 07 | ଭୁବନେଶ୍ବର ରବିବାର, ୦୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ବିଚିତ୍ରାନନ୍ଦ ମହାନ୍ତିଙ୍କୁ ଡ଼ଃ ପବିତ୍ର ମୋହନ ସମନ୍ତରାୟଙ୍କ ଶ୍ରଦ୍ଧାଞ୍ଜଳି





ଭୁବନେଶ୍ବର,(ପି.ଏନ): ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକଲ୍‌ର ମୁଖ୍ୟ ସମ୍ପାଦକ-ଡ଼ଃ ପବିତ୍ର ମୋହନ ସମନ୍ତରାୟ ଆଜି ବିଚିତ୍ରାନନ୍ଦ ମହାନ୍ତିଙ୍କ ଏକାଦଶାହ ଅବସରରେ ସ୍ୱ. ମହାନ୍ତିଙ୍କ ପ୍ରତି ପୁଷ୍ପାଞ୍ଜଳି ଅର୍ପଣ କରିଲେ । ଏହି କାର୍ଯ୍ୟକ୍ରମ ଭୁବନେଶ୍ବରର ଡିଏଲ୍ କଲୋନୀ, ଭି ଏସ୍‌ଏସ୍ ନଗର ସ୍ଥିତ ଭୁବନେଶ୍ବରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା । ଶ୍ରୀ ସୁବ୍ରତ କୁମାର ମହାନ୍ତି, ଡିଏମ୍, ଏଲଆଇସି ଭୁବନେଶ୍ବରଙ୍କ ପିତା ସ୍ୱ. ବିଚିତ୍ରାନନ୍ଦ ମହାନ୍ତିଙ୍କ ଦେହାନ୍ତରେ ଡ଼ଃ ସମନ୍ତରାୟ ଶୋକସନ୍ତପ୍ତ ପରିବାରଙ୍କ ସହ ଦୁଃଖ ବାଂଟି ନିଜ ଗଭୀର ସମବେଦନା ପ୍ରକଟ କରିଥିଲେ । ସୁବ୍ରତ ମହାନ୍ତି ଡ଼କ୍ଟର ସାମନ୍ତରାୟ ଙ୍କୁ ଏକ ଭାଗବତ ଗୀତା ପୁସ୍ତକ ପ୍ରଦାନ କରିଥିଲେ ଡ଼ଃ ସମନ୍ତରାୟ ସ୍ୱ. ମହାନ୍ତିଙ୍କ ଶାନ୍ତିପୂର୍ଣ୍ଣ ସ୍ୱର୍ଗଲୋକଗମନ ଓ ତାଙ୍କ ଆତ୍ମାର ଶାଶ୍ୱତ ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ ।

# ବାଲେଶ୍ବର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ କ୍ରୀଡା ଉତ୍ସବ



ଭୁବନେଶ୍ବର,(ପି.ଏନ): ବାଲେଶ୍ବର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଶୋଭାରାମ ପୁର୍ ରେ କ୍ରୀଡା ଉତ୍ସବ ଶୁକ୍ରବାର (୫.୧୨.୨୦୨୫) ଓ ଶନିବାର( ୬.୧୨.୨୫) ଦୁଇ ଦିବସ ବ୍ୟାପି ମହା ସମାରୋହ ରେ ପାଳିତ ହୋଇ ଯାଇଛି । ଉଦଘାଟନୀ ଉତ୍ସବ ରେ ଅଧକ୍ଷ ଅନ୍ନଦା ପ୍ରସାଦ ଜେନା ଙ୍କ ସଭାପତିତ୍ୱ ରେ ଶୋଭା ରାମ ପୁର ର କାଉନସିଲର ନିରୁପମା ଦାସ ମୁଖ୍ୟ ଅତିଥି ଓ ବିଧାୟକ ପ୍ରତନିଧି ସୀତାକାନ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପତକା ଉତୋଳନ କରି କ୍ରୀଡା ଉତ୍ସବ କୁ ଉଦଘାଟନ କରିଥିଲେ ।ଛାତ୍ର ଛାତ୍ରୀ ମାନେ ପ୍ରବଳ ଉତ୍ସାହ ର ସହ ସମସ୍ତ ବିଭାଗରେ ଅଂଶ ଗ୍ରହଣ କରି ପ୍ରତିଯୋଗିତା ରେ ଭାଗ ନେଇ ଥିଲେ । ଉଦଯାପନୀ ଉତ୍ସବ ରେ ଅଧକ୍ଷ ଅନ୍ନଦା ପ୍ରସାଦ ଜେନା ଙ୍କ ସଭାପତିତ୍ୱ ରେ ଅବସରପ୍ରାପ୍ତ ଫ୍ଲାଇଙ୍ଗ ଅଫିସର ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଓ ସାଂସଦ ପ୍ରତିନିଧି ଚିତ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜୀବନ ରେ କ୍ରୀଡା ର ଉପଯୋଗୀତା ଓ ଶୃଙ୍ଖଳିତ ଜୀବନ ର ମାହାତ୍ମ୍ୟ ବିଷୟ ରେ ପିଲା ମାନଙ୍କୁ ଉଦବୋଧନ ଦେଇଥିଲେ । ରାଜଦର୍ଷି ଦାସ ଓ ସୁଶାନ୍ତ ନାୟକ ମୁଖ୍ୟତଃ କ୍ରୀଡା ପରିଚାଳନା ର ଦାୟିତ୍ୱ ନିର୍ବାହ କରି ଥିବା ବେଳେ ଅଧ୍ୟାପକ ରତ୍ନାକର ମହାପାତ୍ର ଓ ଚକ୍ରଧର ମହାପାତ୍ର ମଂଚ ପରିଚାଳନା ରେ ସହଯୋଗ କରିଥିଲେ ।କ୍ରୀଡା ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସୌମ୍ୟରଞ୍ଜନ ପ୍ରଧାନ,ଦେବଯାନୀ ଦାସ,କମଳାକାନ୍ତ ପରିଡ଼ା,ରବୀନ୍ଦ୍ର ସେଠୀ,ସୂର୍ଯ୍ୟକାନ୍ତ ସାହୁ,ଅର୍ପିତା ନାୟକ,ବନିତା ମିଶ୍ର,ରଜ କିଶୋର ଭୋଇ, ପୁରୁଷୋତମ ମୁଖି,ରବୀନ୍ଦ୍ର ସ୍ୱାଇଁ । ଉଦଯାପନୀ ଉତ୍ସବ ରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନ ପତ୍ର ବିତରଣ କରାଯିବା ସହ ବାଳକ ବିଭାଗରେ ଦେବେନ୍ଦ୍ର ସିଂ ଓ ବାଳିକା ବିଭାଗରେ ମନିଷା ମୁର୍ମୁ ଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା ।

# କିମସରେ ପେନ ମ୍ୟାନେଜମେଂଟ ସମ୍ମିଳନୀ ଉଦଘାଟିତ




ଭୁବନେଶ୍ବର,(ପି.ଏନ): କିମସରେ ପେନ ମ୍ୟାନେଜମେଂଟ ସମ୍ମିଳନୀ ଆଜି ଉଦଘାଟିତ ହୋଇଯାଇଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି । ଇଣ୍ଡିଆନ ସୋସାଇଟି ଫର ଷ୍ଟଡି ଅଫ ପେନ, ଭୁବନେଶ୍ବର ଶାଖା ଓ କିମସର ଆନାସ୍ଥେସିଓଲୋଜି ସ୍ନାତକୋତର ବିଭାଗ ଓ ପେନ ମେଡିସିନ ବିଭାଗ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଦୁଇ ଦିନ ଧରି ଚାଲିବ । ସମ୍ମିଳନୀର ବିଷୟବସ୍ତୁ ରହିଛି 'ସେପିଂ ଦି ଫ୍ୟୁଚର ଅଫ ପେନ ମେଡ଼ିସିନ ଇନ ଓଡ଼ିଶା ଆଣ୍ଡ ବିୟଣ୍ଡ' । ଏହି ସମ୍ମିଳନୀ ଜରିଆରେ ପେନ ମ୍ୟାନେଜମେଂଟ ବିଶେଷଜ୍ଞଙ୍କ ମଧ୍ୟରେ ସର୍ଜନାତ୍ମକ ଜ୍ଞାନ ଓ ସୂଚନାର ବିନିମୟ ହେବ ।ଏହି ବୈଜ୍ଞାନିକ ସମ୍ମିଳନୀକୁ ଉଦଘାଟନ କରି, ଓଡ଼ିଶା ୟୁନିଭରସିଟି ଅଫ ହେଲଥ ସାଇନସେସ ର କୁଳପତି ଡ ମାନସ ରଞ୍ଜନ ସାହୁ କହିଲେ, ଏହା ଏକ ପରିବର୍ତ୍ତନକାରୀ ସମ୍ମିଳନୀ । ଏଭଳି ସମ୍ମିଳନୀ ଜରିଆରେ ଓଡ଼ିଶାରେ ଯନ୍ତ୍ରଣା ଚିକିତ୍ସାର ଭବିଷ୍ୟତକୁ ଆଗେଇ ନିଆଯାଇପାରିବ । ପେନ ମ୍ୟାନେଜମେଂଟ ବା ଯନ୍ତ୍ରଣା ଚିକିତ୍ସା ହେଉଛି ସକାରାତ୍ମକ ଶଲ୍ୟ ଚିକିତ୍ସାର ମୂଳ ଏବଂ ଓଡ଼ିଶା ୟୁନିଭରସିଟି ଅଫ ହେଲଥ ସାଇନସେସ ଖୁବ୍ ଶୀଘ୍ର ଓଡ଼ିଶାରେ ଯନ୍ତ୍ରଣା ଚିକିତ୍ସା ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରିବ ବୋଲି ସେ କହିଥିଲେ । ଏଥିରେ ଅନ୍ୟାତମ ଅତିଥି ଭାବେ କିମସ ଆନାସ୍ଥେସିଓଲୋଜି ବିଭାଗୀୟ ମୁଖ୍ୟ ଡା ଅମ୍ରିତା ପଣ୍ଡା କହିଲେ, ଏହି ସମ୍ମିଳନୀରେ ଯନ୍ତ୍ରଣା ଚିକିତ୍ସାର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ରୋଗୀଙ୍କ ଉତମ ଫଳାଫଳ ପାଇଁ ସାମଗ୍ରିକ ଓ ପ୍ରମାଣ-ଆଧାରିତ ପଦ୍ଧତି ଉପରେ ଧ୍ୟାନ ଦିଆଯାଇଛି । ସେହିପରି ସମ୍ମିଳନୀର ଆୟୋଜକ କମିଟିର ସଭାପତି ତଥା କିମସ ଯନ୍ତ୍ରଣା ଚିକିତ୍ସା ବିଶେଷଜ୍ଞ ଡା. ରାଜେନ୍ଦ୍ର ସାହୁ ସମ୍ମିଳନୀରେ ୧୯୦ ଜଣ ପ୍ରତିନିଧି ପଞ୍ଜୀକରଣ କରିଥିବା ସୂଚନା ଦେଇଥିଲେ । ଅନ୍ୟାମାନଙ୍କ ମଧ୍ୟରେ ଇଣ୍ଡିଆନ ସୋସାଇଟି ଫର ଷ୍ଟଡି ଅଫ ପେନ ଓଡ଼ିଶା ଚାପ୍ଟରର ସଭାପତି ଡା ରିତେଶ ରାୟ, ରାଷ୍ଟ୍ରୀୟ ସଭାପତି ଡା କ୍ରିଷ୍ଣା ପୋଦାର, କିମସ ମେଡିକାଲ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରା ଓ ପେନ ମ୍ୟାନେଜମେଂଟ କ୍ଷେତ୍ରରେ କାର୍ଯ୍ୟା କରୁଥିବା ବହୁ ବିଶେଷଜ୍ଞ, ଗବେଷକ ଓ ଡାକ୍ତରୀ ଛାତ୍ରଛାତ୍ରୀ କାର୍ଯ୍ୟାକ୍ରମରେ ଯୋଗ ଦେଇଥିଲେ ।

# ଗୋଲାମୁଣ୍ଡା ବ୍ଲକ ଅଧକ୍ଷଙ୍କ ୫ଟି ଗ୍ରାମ ପଂଚାୟତରେ ଶୀତ ବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ



ଗୋଲାମୁଣ୍ଡା (ପି.ଏନ): ଆଜି ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ଅଧକ୍ଷଙ୍କ ବ୍ୟକ୍ତିଗତ ଅର୍ଥ ରାଶିରୁ ଆଜି ଗୋଲାମୁଣ୍ଡା ବ୍ଲକର ଖମାରହଲଦୀ, ଚିଚିଆ, ଫରଙ୍ଗ, ଫୁଣ୍ଡା, ଟେମ୍ରିରି ସମେତ ୫ ପାଂଚଟି ଗ୍ରାମ ପଂଚାୟତର ଅସହାୟ ବୃଦ୍ଧ ବୃଦ୍ଧା ଦିବ୍ୟାଙ୍ଗ ମାଁ ବାପା ଗୁରୁଜନ ମାନଙ୍କୁ ୧୮୦୦ ଶୀତ ବସ୍ତ୍ର ତଥା କମ୍ବଳ ବଂଟନ କରାଗଲା ।ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜୁନାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ମନୋଜ କୁମାର ମେହେର, ସମ୍ମାନିତ ଅତିଥି ଭାବରେ ଶ୍ରୀ ଟଙ୍କଧର ନାଏକ, ଶ୍ରୀ ଗିରିଜା ପଣ୍ଡା, ଶ୍ରୀ ପ୍ରମୋଦ ପ୍ରଧାନ, ଶ୍ରୀ ଲଳିତ ପଧାନ,ଶ୍ରୀ ବାଦଲ ନାଏକ, ଶ୍ରୀ କାର୍ତିକେଶ୍ୱର ପୁରୋହିତ ସମେତ ପ୍ରତି ଗ୍ରାପର ସହଯୋଗୀ ଖଗେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଅନେକ ନିରୀହ ଗରିବ ଦରିଦ୍ର ସୀମା ରେଖାରେ ଥିବା ଲୋକ ବୃଦ୍ଧ ବୃଦ୍ଧା ଉପକୃତ ହୋଇଛନ୍ତି । ମାନବ ସେବା ହିଁ ଭଗବାନ ସେବା । ସେବା ବିଭିନ୍ନ ପ୍ରକାର ହୋଇଥାଏ, ଯିଏ ଥରେ ମାନବ ସେବାରେ ଥରେ ପଶି ଯାଏ ସିଏ ନିଜ ଧନ ସଂପତି ଦେଖେ ନାହିଁ, ସେହି ମଣିଷର ନିଜର କର୍ତବ୍ୟ ଓ ମଣିଷ ଜନ୍ମର ଉଦ୍ଦେଶ୍ୟ ବୁଝି ଥାଏ । ସେବା କରି ମଣିଷ ପୁଣ୍ୟ ପ୍ରାପ୍ତି କରିଥାଏ । ସେ କେବେ ଲୋକ କଥାରେ ପଡେ ନାହିଁ କିମ୍ବା ଅନ୍ୟ କୌଣସି ପ୍ରତିବନ୍ଧକ ତାକୁ ପ୍ରତିରୋଧ କରିପାରେ ନାହିଁ । ସେହି ପରି ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଆଜି ସେବା ମନୋବତିରେ ଆଗକୁ ଦୁଇ ପାଦ ବଢେଇଛନ୍ତି ଏବଂ ଗୋଲାମୁଣ୍ଡା ବ୍ଲକର ବିକଳାଙ୍ଗ, ଅସହାୟ ଗରିବ ବୃଦ୍ଧ ବୃଦ୍ଧାଙ୍କୁ ବସ୍ତ୍ର ଦାନ କରି ଆସୁଛନ୍ତି ।

# ବୃନ୍ଦାବାହାଲ ନୋଡାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ

ଗୋଲାମୁଣ୍ଡା (ପି ଏନ): ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଦିନ ଉଦଯାପିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଗଣ୍ଡାମେର ସମିତି ସଭ୍ୟ ଦୈତାରି ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦଙ୍କ ପ୍ରତିନିଧି ଦେବରାଜ ରାଉତ ,ସ୍କୁଲ କମିଟି ସଭାପତି ବଦ୍ରୁବାହାନ ଟୋଲଟିଆ,ସାମ୍ବାଦିକ ଆଶୁତୋଷ ରାଉତ ଓ ରବିନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗ ର ଖେଳ ପ୍ରତିଯୋଗୀତାରେ ଉର୍ତିର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଉଦଯାପିତ ଦିବସରେ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଛି । ଖେଳ -ଶାରୀରିକ ସ୍ୱାସ୍ଥ୍ୟତା ରଖିବା ସହ ମାନସିକ ସ୍ତରରେ ଆଧ୍ୟାତ୍ମିକତା ଜାଗରଣ କରେ । ଛାତ୍ରଛାତ୍ରୀଙ୍କ ଭିତରେ ଲୁକାୟିତ ରହିଥିବା ପ୍ରତିଭା ପରିପ୍ରକାଶ କରିବା ଉଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ଥିବା ସରକାରଙ୍କ ପଦକ୍ଷେପ ନିଶ୍ଚିତ ଭାବେ ଛାତ୍ରଛାତ୍ରୀଙ୍କ ବିକାଶ ରେ ସହଯୋଗ କରିବ ବୋଲି ମଂସିନ ଅତିଥି ମାନେ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ରାଉତ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ରୁକ୍ଷଦେବ ମାଝୀ,ଖେଳ ଶିକ୍ଷକ ରାକେଶ କୁମାର ପଣ୍ଡା,ବିଶ୍ୱପ୍ରିୟା କ୍ରାନ୍ତି କୁମାର ପ୍ରଧାନ,ତରଙ୍ଗ ଚଣ୍ଡୀ,କରୁଣା ରଣା,ଜୟପ୍ରକାଶ ଖୁରା,ହେରାମ୍ବ ଗଇଁତା,ମଳୟ ଭୋଇ,ଅର୍ଜୁନ ଶବର,ଦୁର୍ଯ୍ୟଧନ ମାଝୀ,ଲଳିତ ନିଆଲ,ଶିକ୍ଷୟତ୍ରୀ ତୃପ୍ତି ମେହେର,ଚିନ୍ମୟୀ ମାଝୀ, ନିତୁ ରାଣୀ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପ୍ରଥମ କୋଣାର୍କ ପଥ ଉତ୍ସବରେ ଦୁଲୁକିଲା ଅର୍କକ୍ଷେତ୍ର

କୋଣାର୍କ,(ପିଏ.ନ୍‌ଏ): ସାମାଜିକ ଅନୁଷ୍ଠାନ ବିକାଶ, କୋଣାର୍କ ପଥ ଉତ୍ସବ କମିଟି ଓ ୟୁବି ଫୁଡ୍ ସହଯୋଗରେ ଶନିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି ଏହି ନିଆରା ପଥଉତ୍ସବ । କୋଣାର୍କ ସହରର ରାଜ ରାସ୍ତାରେ ଭିନ୍ନ ଭିନ୍ନ ସଙ୍ଗୀତର ପରିବେଷଣ ସହ ନୃତ୍ୟଶିଳ୍ପୀ ଓ ପର୍ଯ୍ୟଟକ ମାନେ ଶସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ପଲ୍ଲୀନୃତ୍ୟ ସହ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ ନୃତ୍ୟଶିଳ୍ପୀ । ଆନନ୍ଦ ଉଲ୍ଲାସରେ ନୃତ୍ୟ ଶିଳ୍ପୀ ଓ ପର୍ଯ୍ୟଟକ ମାନେ ଏହାକୁ ଉପଭୋଗ କରିଥିଲେ । ଏହି ଉତ୍ସବ ମେଡ଼ିକାଲ ନିକଟ ଅର୍କ ମଣ୍ଡପରୁ ଶୁଭାରମ୍ଭ ହୋଇଥିଲା । ବିକାଶ ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଅଶୋକ କୁମାର ନନ୍ଦଙ୍କ ତତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଉପାଧ୍ୟକ୍ଷ ସୁରେଶ୍ ଚନ୍ଦ୍ର ରାଉତରାୟ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ପଥ ଉତ୍ସବ କମିଟି ସଭାପତି ରାଜକିଶୋର ମହାପାତ୍ର, ସମାଜସେବୀ ଗୋପାଳ ଚନ୍ଦ୍ର ବେହେରା, ସାଂସଦ ପ୍ରତିନିଧି ମଙ୍ଗରାଜ ମୁଦୁଲି, ଅର୍କଶ୍ରି ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ପଥ ଉତ୍ସବ କମିଟି ସଂଯୋଜକ ପ୍ରତାପ କୁମାର କାଣ୍ଡି ପ୍ରମୁଖ ଯୋଗ ଦେଇ ପଥ ଉତ୍ସବ ଲୋଗୋ ଉନ୍ମୋଚିତ କରିବା ସହ ପତାକା ଦେଖାଇ ପଥ ଉତ୍ସବକୁ ଶୁଭାରମ୍ଭ କରିଥିଲେ । ଏହି ଉତ୍ସବ ମେଡ଼ିକାଲ ଛକରୁ ବାହାରି ରିଙ୍ଗ ରୋଡ ଓ ଟୁରିଷ୍ଟ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ପୁନଃ ମେଡ଼ିକାଲ ଛକକୁ ଫେରିଥିଲା । ରାସ୍ତାରେ ପ୍ରତିଯୋଗୀ ମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ ପରିବେଷଣ କରିଥିଲେ । ଅର୍କ ମଣ୍ଡପରେ ଉଦଯାପନୀ ଉତ୍ସବରେ ସମସ୍ତ ପ୍ରତିଯୋଗୀ ମାନେ ପୁନଃ ସେମାନଙ୍କର ନୃତ୍ୟ କଳା ପ୍ରଦର୍ଶନ କରିଥିଲେ । ବିଚାରପତି ମାନଙ୍କ ଦ୍ୱାରା ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ରେଡ଼ିଓ ନମସ୍କାର ଅଧକ୍ଷ ସାହା ଅନସାରୀ, ଶିକ୍ଷାବିତ୍ ପ୍ରକାଶ ଖାଟୋଇ, ରାମକୃଷ୍ଣ ମହାନ୍ତି, ଗୁରୁପଦ ବଳିୟାର ସିଂହ , ସାମ୍ବାଦିକ ଅକ୍ଷୟ ନାୟକ, ଜ୍ଞାନ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ପଥ ଉତ୍ସବ ସଂଯୋଜିକା ରିତା ମିଶ୍ର, ମନୋରମା ଦାଶ, ପଦ୍ମାଳୟା ଚୌଧୁରୀ, ଜ୍ୟୋତିର୍ମୟୀ ସାହୁ, ବାମଦେବ ଆଲୁକ, କାମଦେବ ବିଶ୍ୱାଳ, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା , ଅଜୟ ପଟ୍ଟନାୟକ, ବିବେକାନନ୍ଦ ମିଶ୍ର, ଆଶୁତୋଷ ହୋତା, ପ୍ରତାପ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଭିଏନରେ ଓଡ଼ିଶାର ଜୈବସମ୍ବଳ ଏବଂ ମାନବ କଲ୍ୟାଣରେ ସେମାନଙ୍କର ଉପଯୋଗ' ଶୀର୍ଷକ ଆଲୋଚନାଚକ୍ର




ଯାଜପୁର ରୋଡ୍ (ପି.ଏନ): ଯାଜପୁର ରୋଡ୍‌ସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ଓଡ଼ିଶା ଉଦ୍ଭିଦ ବିଜ୍ଞାନ ସମାଜ (ଓଡ଼ିଶା ବଟାନିକାଲ୍ ସୋସାଇଟି)ର ମିଳିତ ଆନୁକୂଲ୍ୟରେ ଗୁରୁବାର କଲେଜ ସମ୍ମିଳନୀ କକ୍ଷରେ 'ଓଡ଼ିଶାର ଜୈବସମ୍ବଳ ଏବଂ ମାନବ କଲ୍ୟାଣରେ ସେମାନଙ୍କର ଉପଯୋଗ" ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଭାତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ସମୃଦ୍ଧ ଜୈବସମ୍ବଳ ଉପରେ ଜ୍ଞାନ ବଂଟନ ପାଇଁ ଏକ ମଂଚ ସୃଷ୍ଟି କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ । ଅଧ୍ୟାପିକା ଡ. ପ୍ରତିଭା ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ତଥା ଓଡ଼ିଶା ଉଦ୍ଭିଦ ସମାଜର ସଭାପତି ପ୍ରଫେସର କୁଞ୍ଜ ବିହାରୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଂଚଳିକ ଜୈବ ସମ୍ପଦ ସଂରକ୍ଷଣ ଏବଂ ପ୍ରଭାବଶାଳୀ ବ୍ୟବହାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ଉଦ୍ଭିଦ ବିଜ୍ଞାନ ସମାଜର କୋଷାଧକ୍ଷ ତଥା ଏସ୍.ଜେ. କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଆଶୀର୍ବାଦ ମହାପାତ୍ର, ଭିଏନ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ତ୍ରିପାଠୀ ଏବଂ ବିନୋଦ ବିହାରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏହି ଆଲୋଚନାଚକ୍ର ମାନବ କଲ୍ୟାଣ ନିମନ୍ତେ ଓଡ଼ିଶାର ଜୈବ ସମ୍ପଦର ସ୍ଥାୟୀ ବ୍ୟବହାର ବିଷୟରେ ଆଲୋଚନା କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ମଂଚ ପ୍ରଦାନ କରିଛି । କଲେଜର ଛାତ୍ରଛାତ୍ରୀ ଏବଂ ଅଧ୍ୟାପିକା ଅଧ୍ୟାପକମାନେ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray